# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 11 June – 2025

*********************************

## ମୁଖ୍ୟ ସମ୍ବାଦ

- ଦେବସ୍ନାନ ପୂର୍ଣ୍ଣିମା ଅବସରରେ ସ୍ନାନମଣ୍ଡପରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି ଚତୁର୍ଦ୍ଧାମୂର୍ତ୍ତି
- ରାଜ୍ୟରେ ବିଜେପି ସରକାରଙ୍କ ଏକବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ଆସନ୍ତା ୨୦ ତାରିଖରେ ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ
- ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡିଆରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ବିକାଶମେଳାକୁ ଆଜି ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ

ଏବଂ

- ରାଜ୍ୟରେ ପାର୍ଟ୍ ପ୍ଲଟ୍ ବିକ୍ରି ଉପରେ ଲାଗିଥିବା ସମସ୍ତ କଟକଣାକୁ ପ୍ରତ୍ୟାହାର କଲେ ରାଜ୍ୟ ସରକାର

# ଦେବସ୍ନାନ ପୂର୍ଣ୍ଣିମା

ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ତିଥିରେ **ପୁରୀ** ଶ୍ରୀମନ୍ଦିରରୁ ଶ୍ରୀଜୀଉମାନେ ରତ୍ନବେଦୀ ଛାଡି ଧାଡି ପହଣ୍ଡିରେ ସ୍ନାନବେଦୀକୁ ବିଜେ କରିଛନ୍ତି । ପ୍ରଥମେ ଚକ୍ରରାଜ ଶ୍ରୀସୁଦର୍ଶନଙ୍କ ପରେ ବଡ଼ ବାଡ଼ଗ୍ରାହୀ ଶ୍ରୀବଳଭଦ୍ର ଧାଡ଼ି ପହଣ୍ଡିରେ ଆସିଥିଲେ । ପରେ ଦେବୀ ସୁଭଦ୍ରା ଆସିବା ସହ ଶେଷରେ କୋଟି ଓଡ଼ିଆଙ୍କ ମଉଡମଣୀ ଶ୍ରୀଜଗନ୍ନାଥ ଚକାରେ ବିଜେ କରିଥିଲେ । ସେଠାରେ ସୁନାକୂଅର ୧୦୮ ଗରା ସୁବାସିତ ଜଳରେ ଶ୍ରୀଜୀଉମାନଙ୍କୁ ସ୍ନାନ କରାଯାଇଛି । ମହାପ୍ରଭୁଙ୍କ ସ୍ନାନପୂର୍ଣ୍ଣିମା ପାଇଁ ଶ୍ରୀଜୀଉମାନଙ୍କ ନୀତିକାନ୍ତି ବଡ଼ି ଭୋର୍‌ରୁ ଆରମ୍ଭ ହୋଇଥିଲା । ସ୍ନାନବେଦୀ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ଲାଗି ବଡଦାଣ୍ଡରେ ଶ୍ରଦ୍ଧାଳୁଙ୍କର ପ୍ରବଳ ଭିଡ ଲାଗି ରହିଛି । ସ୍ନାନବେଦୀ ଉପରେ ଠାକୁର ହାତୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ । ମହାପ୍ରଭୁଙ୍କ ପହଣ୍ଡି, ଜଳଲାଗି ଓ ହାତୀବେଶ ଆଦି ନୀତିକୁ ଶୃଙ୍ଖଳିତ କରିବା ଲାଗି ସେବାୟତ ଓ ପ୍ରଶାସନ ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଇଛି । ସୁରକ୍ଷାକୁ ଦୃଷ୍ଟିରେ ରଖି ୭୦ ପ୍ଲାଟୁନ୍ ପୋଲିସ୍ ଫୋର୍ସ୍ ଓ ଗୋଟିଏ ସେକ୍ସନ୍ ଫୋର୍ସ୍ ମୁତୟନ ହୋଇଛନ୍ତି । କେନ୍ଦ୍ରାଞ୍ଚଳ ଆଇଜି, ପୁରୀ ଆରକ୍ଷୀ ଅଧିକ୍ଷକ ଓ ବରିଷ୍ଠ ପୁଲିସ୍ ଅଧିକାରୀମାନେ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଛନ୍ତି । ପୁରୀ ବଡଦାଣ୍ଡ ଓ ସମ୍ପୂର୍ଣ୍ଣ ସହର ସିସିଟିଭି ସର୍ବେକ୍ଷଣ ମଧ୍ୟରେ ରଖାଯାଇଛି ।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଆଜି ପୁରୀ ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିଛନ୍ତି । ଦେବସ୍ନାନ ପୂର୍ଣ୍ଣିମା ଅବସରରେ  ପହଣ୍ଡି ନୀତି ଶୃଙ୍ଖଳିତ ଭାବରେ ଅନୁଷ୍ଠିତ ହେଉଥିବାରୁ ମୁଖ୍ୟମନ୍ତ୍ରୀ ପ୍ରଶାସନିକ ଅଧିକାରୀ ଓ ସେବାୟତଙ୍କୁ ଧନ୍ୟବାଦ ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ମଙ୍ଗଳ ଆଳତୀ ନୀତି ଦର୍ଶନ କରିବା ସହିତ ରାଜ୍ୟବାସୀଙ୍କ ମଙ୍ଗଳ କାମନା କରିଛନ୍ତି ।

ସ୍ନାନଯାତ୍ରା ସମ୍ପର୍କରେ ପୁରୀରୁ ସମ୍ବାଦଦାତା ସୌମିତ୍ର ହରିଚନ୍ଦନ ସୂଚନା ଦେଇ କହିଛନ୍ତି...

**- V/O -(Saumitra)**

**ସୁବର୍ଣ୍ଣପୁର** ଜିଲ୍ଲାର ପାତାଳୀ ଶ୍ରୀକ୍ଷେତ୍ରଠାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦିବ୍ୟ ସ୍ନାନ ପର୍ବ ପାରମ୍ପରିକ ରୀତିରେ କରାଯାଇଛି । ଜିଲ୍ଲାର  ବୀରମହାରାଜପୁର, ତରଭା, ବିନିକା ଓ ଡୁଙ୍ଗୁରପାଲ୍ଲୀ ଅଂଚଳରେ ଥିବା ଜଗନ୍ନାଥ ମନ୍ଦିରଗୁଡ଼ିକରେ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଛି । **ଭଦ୍ରକ** ଜିଲ୍ଲାର ସାଳନ୍ଦୀନଗର ଶ୍ରୀଜଗନ୍ନାଥ ମନ୍ଦିର, କେଶପୁର ଉରରବାହିନୀ ସମେତ ୭ଟି ବ୍ଲକ୍ ଏବଂ ୪ଟି ପୌରାଞ୍ଚଳରେ ଥିବା ଜଗନ୍ନାଥ ମନ୍ଦିରରେ ପହଣ୍ଡି କରାଯାଇ ନୀତିକାନ୍ତିରେ ସ୍ନାନ କରାଯାଇଛି । ଏହାପରେ ମହାପ୍ରଭୁଙ୍କୁ ହାତୀବେଶରେ ଶ୍ରଦ୍ଧାଳୁମାନ ଦର୍ଶନ କରୁଛନ୍ତି । **ରାୟଗଡ଼ା** ଜିଲ୍ଲା ସଦର ମହକୁମା ଶ୍ରଦ୍ଧା ଶ୍ରୀକ୍ଷେତ୍ର ସମେତ ମୁନିଗୁଡ଼ା, ଗୁଣୁପୁର, ବିଷମକଟକ, କାଶୀପୁର ଜଗନ୍ନାଥ ମନ୍ଦିରରେ ସ୍ନାନପୂର୍ଣ୍ଣିମା ଅନୁଷ୍ଠିତ ହୋଇଛି ।

# ପିଏମ୍-ଓଡ଼ିଶା ଭିଜିଟ୍

ରାଜ୍ୟରେ ବିଜେପି ସରକାରଙ୍କ ଏକବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ଆସନ୍ତା ୨୦ ତାରିଖରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେବେ । ଭୁବନେଶ୍ୱରର ଜନତା ମଇଦାନଠାରେ ଏହି ଅବସରରେ ଏକ ବିରାଟ ସମାବେଶର ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ଲାଗି ୬୦ଜଣ ଓଡ଼ିଶା ପ୍ରଶାସନିକ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି।

ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିଲ୍ଲୀ ଗସ୍ତ କରିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, କେନ୍ଦ୍ର ସଡ଼କ ଓ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଏବଂ ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେ.ପି. ନଡ୍ଡାଙ୍କ ସମେତ ଆଉ କେତେଜଣ କେନ୍ଦ୍ରମନ୍ତ୍ରୀଙ୍କୁ ଓଡ଼ିଶା ସରକାରଙ୍କ ଏକବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ନିମନ୍ତ୍ରଣ ଜଣାଇଥିଲେ ।

## ମୁକେଶ ମହାଲିଙ୍ଗ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ସର୍କିଟ ହାଉସ୍‌ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇଛନ୍ତି। ଶ୍ରୀ ମହାଲିଙ୍ଗ ସମ୍ମିଳନୀରେ କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତି ଉପଲବ୍ଧି ସମ୍ପର୍କରେ ଆଲୋଚନା କରିଛନ୍ତି।

## କୃଷି ସଂକଳ୍ପ ଯାତ୍ରା

**ଗଞ୍ଜାମ** ଜିଲ୍ଲା ଛତ୍ରପୁର ବ୍ଲକ୍ ବାସନାପୁଟି ଗ୍ରାମରେ ବିକଶିତ କୃଷି ସଂକଳ୍ପ ଅଭିଯାନର ତୃତୀୟ ପର୍ଯ୍ୟାୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ କୃଷିଭିତ୍ତିକ ଯୋଜନାର ପ୍ରଚାର ପ୍ରସାର ପାଇଁ ୨୫୦ ଜଣ ଚାଷୀଙ୍କ ସହ କୃଷି ବୈଜ୍ଞାନିକମାନେ ଆଲୋଚନା କରିଛନ୍ତି।

## ବିକାଶମେଳା

ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡିଆରେ ଆଜି ଅପରାହ୍ଣରେ ରାଜ୍ୟସ୍ତରୀୟ ବିକାଶମେଳାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭାରମ୍ଭ କରିବେ। ଆସନ୍ତାକାଲି ରାଜ୍ୟରେ ବିଜେପି ସରକାରର କାର୍ଯ୍ୟକାଳର ପ୍ରଥମ ବର୍ଷ ପୂର୍ତ୍ତି ପାଳନ କରାଯିବ। ଏହି ଏକବର୍ଷ ମଧ୍ୟରେ ରାଜ୍ୟର ବିକାଶ କ୍ଷେତ୍ରରେ ସରକାର ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ତଥ୍ୟ ରଖିବେ ବୋଲି ଜଣାପଡିଛି। ପ୍ରଦର୍ଶନୀ ପଡିଆରେ ଆଜିଠାରୁ ୧୮ ତାରିଖ ବୁଧବାର ପର୍ଯ୍ୟନ୍ତ ଏହି ମେଳା ଚାଲିବ। ଆଜିର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟ ଏବଂ ସ୍ଥାନୀୟ ବିଧାୟକ ଉପସ୍ଥିତ ରହିବେ ବୋଲି ଆମ ସମ୍ବାଦଦାତା ସୂଚନା ଦେଇଛନ୍ତି।

# ୧୧ ବର୍ଷ

ସେବା, ସୁ-ଶାସନ ଏବଂ ଗରିବ କଲ୍ୟାଣ ନୀତି ଆଧାରରେ ଦେଶରେ ଗତ ଏକ ଦଶନ୍ଧି ମଧ୍ୟରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି । ଆକାଶବାଣୀ

ସମ୍ବାଦ ବିଭାଗ ଗତ ୧୧ ବର୍ଷ ମଧ୍ୟରେ ପ୍ରମୁଖ କ୍ଷେତ୍ର ଗୁଡ଼ିକରେ ସରକାରଙ୍କ ପ୍ରୟାସ ଉପରେ ବିଶେଷ ପ୍ରସ୍ତୁତି ଉପସ୍ଥାପନ କରୁଛି । ଆଜି ଆସନ୍ତୁ ଶୁଣିବା ପରିବହନ ଭିତ୍ତିଭୂମି କ୍ଷେତ୍ରରେ ହୋଇଥିବା ପରିବର୍ତ୍ତନ ସମ୍ପର୍କିତ ଏକ ରିପୋର୍ଟ ।

**- V/O - (Smruti Tarenia)**

*ଗତ ଦଶନ୍ଧି ଧରି ଭାରତ ଏକ ସାମଗ୍ରିକ ଏବଂ ସମନ୍ୱିତ ପଦ୍ଧତି ଦ୍ୱାରା ପରିଚାଳିତ ଭିତ୍ତିଭୂମି ବିକାଶର ପରିବର୍ତ୍ତନ ଲକ୍ଷ୍ୟ କରିଛି । ରାଜପଥ ନିର୍ମାଣ ଦୈନିକ ହାରାହାରି ୩୪ କିଲୋମିଟରରେ ପହଞ୍ଚିଛି, ଯାହାକି ୨୦୧୪ ତୁଳନାରେ ପ୍ରାୟ ୩ ଗୁଣ ଅଧିକ । ଭାରତମାଳା ପରିଯୋଜନା ଅଧୀନରେ ଅର୍ଥନୈତିକ କରିଡରର ବିକାଶ ଏବଂ ପରିବହନ ଖର୍ଚ୍ଚ ହ୍ରାସ କରିବା ପାଇଁ ୨୦ ହଜାର କିଲୋମିଟରରୁ ଅଧିକ ରାଜପଥ ଏହି ସମୟସୀମା ମଧ୍ୟରେ ନିର୍ମାଣ କରାଯାଇଛି । ଗ୍ରାମୀଣ ସଂଯୋଗୀକରଣ ୯୯ ପ୍ରତିଶତରେ ପହଞ୍ଚିଛି । ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅଧୀନରେ ୨୦୧୪ ମସିହା ପରଠାରୁ ଏପର୍ଯ୍ୟନ୍ତ ୭ଲକ୍ଷ ୮୦ ହଜାର କିଲୋମିଟରରୁ ଅଧିକ ରାସ୍ତା ନିର୍ମାଣ କରାଯାଇଛି ।*

*ପ୍ରଧାନମନ୍ତ୍ରୀ ଗତିଶକ୍ତି ଜାତୀୟ ମାଷ୍ଟରପ୍ଲାନ୍ ଏକୀକୃତ ଭିତ୍ତିଭୂମି ବିକାଶ ଲକ୍ଷ୍ୟ ନେଇ ୪୪ଟି ମନ୍ତ୍ରଣାଳୟ ଏବଂ ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ସଂଯୋଗୀକରଣ କରାଯାଇଛି । ରେଳବାଇ କ୍ଷେତ୍ରରେ ମଧ୍ୟ ବ୍ୟାପକ ପ୍ରସାର ଘଟିଛି । ୪୫ ହଜାର କିଲୋମିଟରରୁ ଅଧିକ ରେଳପଥ ବିଦ୍ୟୁତିକରଣ ହୋଇଥିବା ବେଳେ ୬୮ଟି ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ୩୩୩ଟି ଜିଲ୍ଲାକୁ ସଂଯୋଗ କରୁଛି ।*

*ଅମୃତଭାରତ ଷ୍ଟେସନ ଯୋଜନା ଅଧୀନରେ ୧୩ଶହରୁ ଅଧିକ ରେଳଷ୍ଟେସନକୁ ଆଧୁନିକୀକରଣ କରାଯାଇଛି ।*

*ବିମାନ ଚଳାଚଳ କ୍ଷେତ୍ରରେ 'ଉଡ଼େ ଦେଶ୍ କା ଆମ୍ ନାଗରିକ'- ଉଡାନ୍ ଯୋଜନା ଅଧୀନରେ ୮୮ଟି ବିମାନବନ୍ଦରକୁ କାର୍ଯ୍ୟକ୍ଷମ କରାଯାଇଛି । ଦେଶର ୮୩ଟି ସହରକୁ ମେଟ୍ରୋ ରେଳସଂଯୋଗୀକରଣ ହୋଇଥିବା ବେଳେ ଭାରତ ବିଶ୍ୱର ତୃତୀୟ ବୃହତ ମେଟ୍ରୋ ସଂଯୋଗ କ୍ଷେତ୍ର ଭାବେ ମାନ୍ୟତା ହାସଲ କରିଛି । ସାଗରମାଳା କାର୍ଯ୍ୟକ୍ରମ ଅଧୀନରେ ବନ୍ଦର ଏବଂ ଆଭ୍ୟନ୍ତରୀଣ ଜଳପଥରେ ବ୍ୟାପକ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି । ଇତିମଧ୍ୟରେ ୨୭୭ଟି ବନ୍ଦର ସଂଯୁକ୍ତ ପ୍ରକଳ୍ପ ଶେଷ ହୋଇଛି ।*

*ଷ୍ଟାଚ୍ୟୁ ଅଫ ୟୁନିଟ୍, ଚେନାବ ରେଳସେତୁ ଏବଂ ଅଟଳ ସୁଡ଼ଙ୍ଗ ୧୦ ହଜାର ଫୁଟ ଉପରେ ବିଶ୍ୱର ସବୁଠାରୁ ଦୀର୍ଘ ରାଜପଥ ସୁଡ଼ଙ୍ଗ ଭାବେ କାର୍ଯ୍ୟକ୍ଷମ ହୋଇଛି । ୨୦୪୭ ବିକଶିତ ଭାରତ ସ୍ୱପ୍ନ ସାକାରରେ ଏହି ସବୁ ପଦକ୍ଷେପ ବେଶ୍ ଉଲ୍ଲେଖନୀୟ ସାବ୍ୟସ୍ତ ହୋଇପାରିବ ।*

*ଆକାଶବାଣୀ ସମ୍ବାଦବିଭାଗ ପାଇଁ ରିପୋର୍ଟ ପ୍ରସ୍ତୁତ କରିଥିଲେ ସ୍ମୃତିରେଖା ତାରେଣିଆ ।*

## ରାଜସ୍ୱମନ୍ତ୍ରୀ

ରାଜ୍ୟରେ ପାଟ୍ ପ୍ଲଟ୍ ବିକ୍ରି ପାଇଁ ଲାଗିଥିବା ସମସ୍ତ କଟକଣାକୁ ହଟାଯାଇଥିବା ନେଇ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି । ୫ହଜାର ୨୦୦ ବର୍ଗଫୁଟର ପାଟ୍ ପ୍ଲଟ୍ ବିକ୍ରି ଉପରେ କଟକଣାକୁ ହଟାଯାଇଛି । ଷ୍ଟେକ୍ ହୋଲ୍ଡରଙ୍କୁ ଦୃଷ୍ଟିରେ ରଖି ସମସ୍ତ ପ୍ରକାର ବ୍ୟବସ୍ଥା

କରାଯାଇଛି ବୋଲି ଶ୍ରୀ ପୂଜାରୀ କହିଛନ୍ତି। ଘରବାଡି ଜମି ଉପରେ କଟକଣା ବଳବତ୍ତର ରହିଛି। ଖୁବ୍‌ଶୀଘ୍ର ଆପାର୍ଟମେଣ୍ଟ ପଞ୍ଜୀକରଣ ନେଇ ବିଜ୍ଞପ୍ତି ପ୍ରକାଶ ପାଇବ।

## ଝାଡାବାନ୍ତି

ଯାଜପୁର ଜିଲ୍ଲାରେ ଝାଡାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ୧୦୦ରୁ ଉର୍ଦ୍ଧ୍ୱ ହୋଇଛି। ଯାଜପୁର, ଦାନଗଦି, ସୁକିନ୍ଦା, କୋରେଇ, ଧର୍ମଶାଳା, ବ୍ୟାସନଗର ଆଦି ଅଂଚଳର ଶତାଧିକ ଲୋକ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଯାଜପୁର ମୁଖ୍ୟ ଚିକିତ୍ସାଳୟ ସହ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଜିଲ୍ଲାପାଳ ପି.ଅନ୍ୱେଷା ରେଡ୍ଡୀ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ୨ ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ବିବାହ ଓ ନିର୍ବନ୍ଧ ଭୋଜି ଖାଇ ଶତାଧିକ ଲୋକ ଆକ୍ରାନ୍ତ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ୧୦ରୁ ଅଧିକ ଗୁରୁତର ରୋଗୀଙ୍କୁ କଟକ ବଡ଼ ଡାକ୍ତରଖାନା ଓ ସ୍ଥାନୀୟ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆକ୍ରାନ୍ତଙ୍କୁ ଭେଟି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଜିଲ୍ଲାର ସମସ୍ତ ପ୍ରାଥମିକ ଚିକିତ୍ସା କେନ୍ଦ୍ର ସହ ମୁଖ୍ୟ ଚିକିତ୍ସାଳୟରେ ଝାଡାବାନ୍ତି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା କଳିଙ୍ଗ ନଗର ଅତିରିକ୍ତ ଜିଲ୍ଲାପାଳ **ସପନ ନନ୍ଦ** କହିଛନ୍ତି।

**- V/O - (Sapan Nanda)**

**ସୁଭଦ୍ରାଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା**

**ନବରଙ୍ଗପୁର** ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍ କାର୍ଯ୍ୟାଳୟ ପରିସରରେ ସୁଭଦ୍ରାଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୧୫ଟି ସ୍ୱୟଂ ସହାୟିକା ଗୋଷ୍ଠୀ ପ୍ରତିଯୋଗିତାରେ ଭାଗ ନେଇ ମାଣ୍ଡିଆ, ସୁଆଁ, କାଙ୍ଗୁ ଆଦି ଶସ୍ୟରେ ରନ୍ଧା ଖାଦ୍ୟ ପ୍ରସ୍ତୁତ କରିଥିଲେ। ତେନ୍ତୁଳିଖୁଣ୍ଟି ବ୍ଲକ୍ ଉନ୍ନୟନ ଅଧିକାରୀ ମନୋଜ କୁମାର ପାଣିଗ୍ରାହୀ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।

********************************